# ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର

# ମାଧ୍ୟମିକ ଶିକ୍ଷା

# ୨୦୨୦-୨୧

ଜାତୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ

# ଗଣିତ (୨୧୧)

**MATHEMATICS (211)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

**TUTOR MARKED ASSIGNMENT (TMA), 2020-21**

ସର୍ବାଧିକ ନମ୍ବର - ୨୦

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜୀକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।


**୧.** ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)

(କ) ଜଣେ ଗ୍ରାହକଙ୍କୁ ୭୪୯ ଟଙ୍କାର ଏକ ସାର୍ଟ ବିକ୍ରି କରି ଜଣେ ଦୋକାନୀ ୭% ଲାଭ କରେ । ସାର୍ଟର କ୍ରୟମୂଲ୍ୟ ନିର୍ଣ୍ଣୟ କର । (ପାଠ- ୮ ଦେଖ)


(ଖ) ୪୪ ସେ.ମି. ଲମ୍ବ ଓ ୧୮ ସେ.ମି. ଦୈର୍ଘ୍ୟ ବିଶିଷ୍ଟ ଏକ ଆୟତାକାର କାଗଜ ଫର୍ଦ୍ଦକୁ ଲମ୍ବ ଭାବରେ ମୋଡି ଏକ ସିଲିଣ୍ଡର ସୃଷ୍ଟି କରାଗଲା । ସିଲିଣ୍ଡରର ଆୟତନ ନିରୂପଣ କର । (ପାଠ- ୨୧ ଦେଖ)

**୨.** ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)

(କ) ଚିତ୍ରରେ, O ହେଉଛି ଏକ ବୃତ୍ତକେନ୍ଦ୍ର, X ମୂଲ୍ୟ ନିରୂପଣ କର । (ପାଠ-୧୫ ଦେଖ)



(ଖ) ଚିତ୍ରରେ <ABC = ୬୯° ଏବଂ <ACB = ୩୧°, <BDC ନିର୍ଣ୍ଣୟ କର । (ପାଠ-୧୫ ଦେଖ)




**୩.** ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୨)


(କ) ଦୁଇଟି ବୃତ୍ତର ବ୍ୟାସାର୍ଦ୍ଧ ଯଥାକ୍ରମେ ୯ ସେ.ମି. ୧୨ ସେ.ମି. ଅଟେ । ଏକ ବୃତ୍ତର ବ୍ୟାସାର୍ଦ୍ଧ ନିର୍ଣ୍ଣୟ କର । ଯାହାର କ୍ଷେତ୍ରଫଳ ଉପରୋକ୍ତ ଦୁଇଟି ବୃତ୍ତର କ୍ଷେତ୍ରଫଳର ସମଷ୍ଟି ସହ ସମାନ । (ପାଠ-୨୦ ଦେଖ)

(ଖ) ଗୋଟିଏ ଟ୍ରାପିଜିୟମ୍‌ର କ୍ଷେତ୍ରଫଳ ୬୪ ବର୍ଗ ସେ.ମି., ଯଦି ଏହାର ସମାନ୍ତର ବାହୁଦ୍ୱୟର ଦୈର୍ଘ୍ୟ ଯଥାକ୍ରମ ୧୦ ସେ.ମି. ଓ ୬ ସେ.ମି., ତେବେ ସମାନ୍ତର ବାହୁଦ୍ୱୟ ମଧ୍ୟରେ ଥିବା ବ୍ୟବଧାନ କେତେ ? (ପାଠ-୨୦ ଦେଖ)


**୪.** ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୪)

(କ) ଚିତ୍ରରେ, ୦ ହେଉଛି AB ଓ CD ର ମଧ୍ୟ ବିନ୍ଦୁ । ପ୍ରମାଣ କର ଯେ AC = BD ଏବଂ AC // BD ।

(ପାଠ- ୧୧ ଦେଖ)





(ଖ) ନିମ୍ନରେ ଥିବା ଚିତ୍ରରେ, DEF ର P ହେଉଛି କେନ୍ଦ୍ରିକ, EH ଲମ୍ବ DF ଯଦି DH ୯ ସେ.ମି., DG ୭.୫ ସେ.ମି., EP ୮ ସେ.ମି. ଓ DE = EF । ତେବେ FH, EH, DH ର ଦୈର୍ଘ୍ୟ ନିର୍ଣ୍ଣୟ ଏବଂ DEF ର ପରିସୀମା ନିରୂପଣ କର । (ପାଠ-୧୨ ଦେଖ)



୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । (୪)

(କ) O କେନ୍ଦ୍ର ବିଶିଷ୍ଟ ଏକ ବୃତ୍ତର ବହିଃସ୍ଥ ଏକ ବିନ୍ଦୁ P ରୁ ଦୁଇଟି ସ୍ପର୍ଶକ PA ଓ PB ଅଙ୍କନ କରାଯାଇଛି । ପ୍ରମାଣ କର ଯେ OP ହେଉଛି AB ର ଲମ୍ବ ସମଦ୍ୱିଖଣ୍ଡକ । (ପାଠ- ୧୭ ଦେଖ)




(ଖ) ଏକ ସମତଳରେ ଅବସ୍ଥିତ ୩୦ ମିଟର ଉଚ୍ଚ ଏକ ଖୁଂଟର ପାଦଦେଶରୁ କୌଣିକ ଉନ୍ନତିର ପରିମାଣ ୬୦° ଏବଂ ପ୍ରଥମ ଖୁଂଟର ପାଦଦେଶରୁ ଦ୍ୱିତୀୟ ଖୁଂଟର ଅଗ୍ରଭାଗର କୌଣିକ ଉନ୍ନତିର ପରିମାଣ ୩୦° ଦୁଇଟି ଖୁଂଟ ମଧ୍ୟରେ ଦୂରତା ଏବଂ ଦ୍ୱିତୀୟ ଖୁଂଟର ଉଚ୍ଚତା ନିର୍ଣ୍ଣୟ କର ? (ପାଠ-୨୩ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ତୁମ ଅଂଚଳର ୫୦ ଟି ପରିବାରକୁ ନେଇ ଜନସଂଖ୍ୟା ଏବଂ ପାରିବାରିକ ଆୟ ସମ୍ବନ୍ଧୀୟ ସର୍ବେକ୍ଷଣ କରି ନିମ୍ନଲିଖିତ ଦିଗଗୁଡିକୁ ଉଲ୍ଲେଖ କରି ଏକ ପ୍ରକଳ୍ପ ପ୍ରସ୍ତୁତ କର ।

i. ପରିବାର ସଦସ୍ୟଙ୍କ ବାରମ୍ବାରତା ଦର୍ଶାଇ ଟେବୁଲ୍ ମାଧ୍ୟମରେ ଉପସ୍ଥାପନ କର ।

ii. ପରିବାରର ହାରାହାରି ଆକାର ନିର୍ଣ୍ଣୟ କର । କେତୋଟି ପରିବାରର ହାରାହାରି ଆକାର ଉପରେ ନିର୍ଣ୍ଣୟ କର ।

iii. ସର୍ବାଧିକ ଆୟ କରୁଥିବା ଦଶଟି ପରିବାରର ବାର୍ ଗ୍ରାଫ୍ ପ୍ରସ୍ତୁତ କର । (ପାଠ- ୨୪ ଓ ୨୫ ଦେଖ)

(ଖ) ଚଳିତ ବର୍ଷ ହେବାକୁ ଥିବା ଏକ ଏକଦିବସୀୟ କ୍ରିକେଟ ମ୍ୟାଚ୍‌କୁ ଅନୁଧ୍ୟାନ କରି ନିମ୍ନଲିଖିତ ଦିଗ ସହିତ ଦୁଇଟି ଦଳର ପ୍ରଦର୍ଶନକୁ ତୁଳନା କରି ଏକ ପ୍ରକଳ୍ପର ବିବରଣୀ ପ୍ରଦାନ କର ।

i. ବ୍ୟକ୍ତିଗତ ସ୍କୋର

ii. ଦଳଗତ ହାରାହାରି ସ୍କୋର

iii. ପ୍ରତ୍ୟେକ ବ୍ୟାଟ୍‌ସମ୍ୟାନଙ୍କ ରନ୍ ହାର ଯେଉଁମାନେ ବ୍ୟାଟିଂ କରିଛନ୍ତି ।

iv. ପ୍ରତ୍ୟେକ ବୋଲର୍‌ଙ୍କର ରନ୍ ହାର ଯେଉଁମାନେ ବୋଲିଂ କରିଛନ୍ତି ।

v. ବିଜେତା ଦଳର ସର୍ବାଧିକ ସ୍କୋର କରିଥିବା ୫ ଜଣ ବ୍ୟାଟ୍‌ସମ୍ୟାନଙ୍କୁ ଦର୍ଶାଇ ଏକ ବାର୍ ଗ୍ରାଫ୍ ଅଙ୍କନ କର ।

(ପାଠ- ୨୪ ଓ ୨୫ ଦେଖ)

# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା (୨୧୨)

**SCIENCE & TECHNOLOGY (212)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

**TUTOR MARKED ASSIGNMENT (TMA), 2020-21**

**ସର୍ବାଧିକ ନମ୍ବର – ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲ୍‌ମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବ୍ରହ୍ମାଣ୍ଡର ଯେକୌଣସି ଦୁଇଟି ମହାକାଶୀୟ ବସ୍ତୁ ମଧ୍ୟରେ ଆକର୍ଷଣ ଶକ୍ତି ମଧ୍ୟରେ ଭିନ୍ନତା କେଉଁ କେଉଁ କାରକ ଯୋଗୁଁ ହୁଏ ଉଲ୍ଲେଖ କର । (ପାଠ- ୧୧ ଦେଖ)

(ଖ) ଜାତୀୟ ପ୍ରସାରଣ ପ୍ରକ୍ରିୟାକୁ ଚିତ୍ର ସାହାଯ୍ୟରେ ବୁଝାଇ ଲେଖ ଏବଂ ଦୈନନ୍ଦିନ ଜୀବନକୁ ଆଧାର କରି ଦୁଇଟି ଉଦାହରଣ ଦିଅ ? (ପାଠ- ୧୪ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଯୌଗିକ ଗୁଡିକର ରାସାୟନିକ ସଙ୍କେତ / ସୂତ୍ର ଲେଖ । (ପାଠ- ୩ ଦେଖ)

i. $Ca^{2+}$ $PO_4^{3-}$
ii. $NH_4^{+}$ $CO_3^{2-}$
iii. $Al^{3+}$ $SO_3^{2-}$
iv. $C^{4+}$ $Cl^{-}$

(ଖ) ନିମ୍ନଲିଖିତ ପ୍ରତିକ୍ରିୟା ଗୁଡିକ ସମ୍ପୂର୍ଣ୍ଣ କର । (ପାଠ- ୪ ଦେଖ)

i. $Mg + CuSO_4 \longrightarrow$
ii. $Pb(NO_3)_2 \xrightarrow{\text{ତାପ}}$
iii. $Ag + FeSO_4 \longrightarrow$
iv. $2FeSO_4(s)- \xrightarrow{\text{ତାପ}}$

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଆମ ଶରୀରରେ କେତେଗୁଡିଏ ବିଶେଷ କୋଷିକା ଅଛି ଯେଉଁଥିରେ ସୂତ୍ରୀ ବିଭାଜନକାରୀ କ୍ଷମତା ଅଛି ଏବଂ ଯେଉଁଗୁଡିକ ପୁର୍ନବିଭାଜିତ ହୋଇ ଏକ ପ୍ରକାରର ଗୁଡିଏ କୋଷିକା ଉତ୍ପନ୍ନ କରନ୍ତି । ଏହି ପ୍ରକାରର କୋଷିକା ଗୁଡିକର ନାମ ଲେଖ ଏବଂ ଏଗୁଡିକ ଏକ ଭ୍ରୂଣରେ ଏବଂ ଏକ ବୟସ୍କ ଠାରେ କେଉଁଠାରୁ ପ୍ରାପ୍ତ ହୁଏ ।

(ପାଠ- ୨୧ ଦେଖ)

(ଖ) (i) ଯଦି ଅନୁମସ୍ତିଷ୍କ ଉପଯୁକ୍ତ ଭାବରେ କାର୍ଯ୍ୟ ନ କରେ, ଆମ ଶରୀରର କେଉଁ କେଉଁ ପ୍ରକ୍ରିୟା ପ୍ରଭାବିତ ହେବ ।

(ପାଠ-୨୩ ଦେଖ)

(ii) ମସ୍ତିଷ୍କର କେଉଁ ଅଂଶ / ଭାଗ ସମସ୍ତ ଅନୈଚ୍ଛିକ କ୍ରିୟାକୁ ନିୟନ୍ତ୍ରଣ କରେ ।

(ପାଠ-୨୩ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ତୁମେ ସ୍ୱତନ୍ତ୍ର ମୌଖିକ କିମ୍ବା ବୌଦ୍ଧିକ ସଂଚାର ବ୍ୟତୀତ ଧ୍ୱନି ସଂଚାର ପାଇଁ ଯେକୌଣସି ଏକ ଉପକରଣ ଚୟନ କର ଏବଂ ଏହାର କାର୍ଯ୍ୟ ପ୍ରଣାଳୀକୁ ଏକ ଆଲେଖ / ଚିତ୍ର ସାହାଯ୍ୟରେ ବ୍ୟାଖ୍ୟା କର ।

(ପାଠ- ୧୮ ଦେଖ)

(ଖ) i. ନିମ୍ନଲିଖିତ ପ୍ରଶ୍ନଗୁଡିକୁ ବୁଝାଇ ଲେଖ ? (ପାଠ- ୪ ଦେଖ)

ଆୟନିକ ଯୌଗିକଗୁଡିକ ତରଳ ଅବସ୍ଥାରେ / ଗଳିତ ଅବସ୍ଥାରେ ବିଦ୍ୟୁତ୍ ପରିବହନ କରନ୍ତି କିନ୍ତୁ ସହସଂଯୋଜ୍ୟ ଯୌଗିକଗୁଡିକ ଗଳିତ ଅବସ୍ଥାରେ ବିଦ୍ୟୁତ୍ ପରିବହନ କରିପାରନ୍ତି ନାହିଁ ।

ନାପଥାଲିନ୍‌ର ଗଳନାଙ୍କ ୩୫୩.୪ K ଅଟେ କିନ୍ତୁ ସୋଡିୟମ୍ କ୍ଲୋରାଇଡର ଗଳନାଙ୍କ ହେଉଛି ୧୦୨୪ K ।

ii. ଉଦାହରଣ ସହ ଜାରଣ –ବିଜାରଣ ପ୍ରତିକ୍ରିୟା ବୁଝାଇ ଲେଖ ।

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଆମାଶୟ ଏବଂ ଅନ୍ତର ଭିତର ସ୍ତରରେ ଏକ ଉଚ୍ଚ ଏବଂ ଲମ୍ବାଳିଆ କୋଷିକା ସମୂହ ଦେଖାଯାଏ ଯେଉଁଗୁଡିକର ମୁକ୍ତ ପ୍ରାନ୍ତରେ ସିଲିଆ ଥାଏ । ଏହି ପେଶୀ ଗୁଡିକର ନାମ ଲେଖ ଏବଂ ଶରୀରରେ ଏଗୁଡିକର ପ୍ରକାର୍ଯ୍ୟ/ ବିଶେଷ କାମ ସମ୍ବନ୍ଧରେ ଉଲ୍ଲେଖ କର । (ପାଠ- ୨୧ ଦେଖ)

(ଖ) ଜଣେ ବ୍ୟକ୍ତି ମାଂସପେଶୀ ଯନ୍ତ୍ରଣା, ଅନ୍ତଃ ରକ୍ତସ୍ରାବ, ବଦହଜମ ଏବଂ ଅମ୍ଳଶୂଳରେ ପୀଡିତ । ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଲେଖ । (ପାଠ- ୩୨ ଦେଖ)

i. ବ୍ୟକ୍ତି ଭୋଗୁଥିବା ରୋଗର ନାମ ଲେଖ ଏବଂ ଏହା ଘଟାଇଥିବା ଅଣୁଜୀବର ନାମ ଲେଖ ।

ii. ଉକ୍ତ ରୋଗ ସଂକ୍ରମଣର ସମ୍ଭାବିତ ଢଙ୍ଗ କଣ ?

iii. ଏହା କିପରି ନିବାରଣ ହୋଇପାରିବ ?

iv. ଏହାର ଚିକିତ୍ସା ପାଇଁ କେଉଁ ପ୍ରକାରର ଔଷଧ ଡାକ୍ତରଙ୍କ ଦ୍ୱାରା ପ୍ରସ୍ତାବିତ ହୋଇପାରିବ ?

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ଘରୋଇ ବ୍ୟବହାର ପାଇଁ ବିଦ୍ୟୁତ୍ ଶକ୍ତିର ବିତରଣ ପାଇଁ ଏକ ସଂକ୍ଷିପ୍ତ ବିବରଣୀ ଲେଖ । ଏକ ଘରୋଇ ପରିପଥ ପ୍ରସ୍ତୁତ କର, ଯାହା ବିଦ୍ୟୁତ୍ ଖୁଂଟରୁ ଆପଣଙ୍କ କୋଠରୀକୁ ବିଦ୍ୟୁତ ସ୍ରୋତ ପ୍ରବାହିତ ହେଉଥିବା ଦର୍ଶାଇବ ଏବଂ ଜୀବନ୍ତ ତାର (ଆର୍ଥ ୱାୟାର୍), ସକେଟ୍, ସୁଇଚ୍ ଏବଂ ଫ୍ୟୁଜ୍‌ର ଭୂମିକା ସମ୍ବନ୍ଧରେ ବୁଝାଇ ଲେଖ । ତୁମେ ଏହା କରିବା ପାଇଁ ବିଭିନ୍ନ ପୁସ୍ତକ / ମ୍ୟାଗାଜିନ୍ / ଇଂଟରନେଟ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପୁସ୍ତକ -୧ ର ସାହାଯ୍ୟ ନେଇପାରିବ ।

(ଖ) ନିକଟସ୍ଥ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟର ଗବେଷଣାଗାରକୁ ଯାଇ ଗବେଷଣାଗାରରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ବିଷୟରେ ସୂଚନା ସଂଗ୍ରହ କର ।

i. ଜୈବ ଏବଂ ଅଜୈବ ରାସାୟନିକ ଦ୍ରବ୍ୟ ମଧ୍ୟରେ ପାର୍ଥକ୍ୟ କିପରି ଦର୍ଶାଇବ ।

ii. ଇଥାନଲ୍‌ରେ ଥିବା କାର୍ଯ୍ୟାତ୍ମକ ଗୋଷ୍ଠୀର ନାମ ଲେଖ ।

iii. କାର୍ବନର ଏଲୋଟ୍ରୋପିକ୍ ରୂପ ଗୁଡିକର ନାମ ଲେଖ ।

iv. ଆଲକୋହଲ୍ ଏବଂ କାର୍ବୋସିଲିକ୍ ଅମ୍ଳମାନଙ୍କ ମଧ୍ୟରେ କିପରି ପାର୍ଥକ୍ୟ ଦର୍ଶାଇବ ।

v. ପରିପୃକ୍ତ ଏବଂ ଅପରିପୃକ୍ତ ହାଇଡ୍ରୋକାର୍ବନ୍ ମଧ୍ୟରେ କିପରି ପାର୍ଥକ୍ୟ ଦର୍ଶାଇବ ।

vi. $CO_2$ ଏକ ଜୈବ ନା ଅଜୈବ ଯୌଗିକ ?

# ସାମାଜିକ ବିଜ୍ଞାନ (୨୧୩)

# SOCIAL SCIENCE (213)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

### TUTOR MARKED ASSIGNMENT (TMA), 2020-21

**ସର୍ବାଧିକ ନମ୍ବର – ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ମାନବର ବିକାଶରେ ଶିକାର ଯୁଗର ବ୍ୟାଖ୍ୟା କର । (ପାଠ-୦ ଦେଖ)

(ଖ) ଭୀମ୍‌ବେଟକା ଗୁମ୍ଫାରେ ଚିତ୍ରକାରୀର ବିଶ୍ଲେଷଣ କର । (ପାଠ-୦ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଭୌତିକ ସ୍ତରରେ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ପରସ୍ପର ଠାରୁ ଅଲଗା ହେଲେ ହେଁ ସେମାନଙ୍କର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । ଯେକୌଣସି ଦୁଇଟି ପ୍ରସଙ୍ଗ ଲେଖ । (ପାଠ-୯ ଦେଖ)

(ଖ) ତୁମ ସମାଜରେ ବର୍ଷା ସାମାଜିକ-ସାଂସ୍କୃତିକ ଜୀବନକୁ କିପରି ପ୍ରଭାବିତ କରୁଛି ? (ପାଠ-୧୦ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) "ଭାରତର ସମ୍ବିଧାନ ଗଠନ ଦୃଷ୍ଟିରୁ ସଂଘୀୟ ଅଟେ କିନ୍ତୁ ଏହାର ଆତ୍ମା ଐକିକ ଅଟେ" । ଏହି ଉକ୍ତି ସପକ୍ଷରେ ଦୁଇଟି ଉଦାହରଣ ଦିଅ । (ପାଠ-୧୫ ଦେଖ)

(ଖ) କେଉଁ ସମ୍ବିଧାନ ସଂଶୋଧନରେ ଏବଂ କିପରି ମହିଳା ସଶକ୍ତିକରଣର ମାର୍ଗ ପ୍ରଶସ୍ତ କରାଯାଇଛି ? କାରଣ ସହ ବୁଝାଅ । (ପାଠ-୧୮ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ସଙ୍ଗମ ଯୁଗ ଏବଂ ଏହାର କୃତିତ୍ୱର ଆଲୋଚନାତ୍ମକ ବ୍ୟାଖ୍ୟା କର । (ପାଠ-୧ ଦେଖ)

(ଖ) ଭାରତରେ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ପାଇଁ ଆଂଚଳିକବାଦ ସବୁଠୁ ବଡ ଆହ୍ୱାନ । କିନ୍ତୁ ବେଳେବେଳେ, ଏହି ଚିନ୍ତାଧାରା ଯଥୋଚିତ୍ ଲାଗେ । ଏହି ଉକ୍ତିକୁ ସମର୍ଥନ କରି ଯେକୌଣସି ଦୁଇଟି ଉପଯୁକ୍ତ ଯୁକ୍ତି ଉପସ୍ଥାପନ କର ।

(ପାଠ-୨୪ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ପ୍ରଦତ୍ତ ଭାରତୀୟ ରୈଖିକ ମାନଚିତ୍ରରେ ନିମ୍ନଲିଖିତ ସ୍ଥାନକୁ ଉପଯୁକ୍ତ ଚିହ୍ନ ଦ୍ୱାରା ଦର୍ଶାଅ ଏବଂ ଏହାର ନାମ ମଧ୍ୟ ଲେଖ ।

(i) ଆରାବଳୀ ପର୍ବତର ଉଚ୍ଚତମ ଶିଖର ।

(ii) ଆରବ ସାଗରରେ ମିଶିଥିବା ଏକ ମୁଖ୍ୟ ନଦୀ ।

(iii) ବାର୍ଷିକ ୨୦ ସେ.ମି.ର କମ୍ ବର୍ଷା ହେଉଥିବା ଅଂଚଳ ।

(iv) ଉର୍ବର ମୃତ୍ତିକା ଅଂଚଳ । (ପାଠ-୯ ଦେଖ)

(ଖ) ତୁମେ ସ୍ୱତନ୍ତ୍ର ଓ ନିରପେକ୍ଷ ନିର୍ବାଚନ ପାଇଁ ବାଧକ ସାଜିଥିବା ଦୁଇଟି ସମସ୍ୟା ଉଲ୍ଲେଖ କରିବା ସହ ଏହାର ଉପଚାର ଉପରେ ପରାମର୍ଶ ଉପସ୍ଥାପନ କର । (ପାଠ-୨୨ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ଦୁଇଟି ସନ୍ତାନର ମା' ଏକ ଗାଁରେ ସହାୟିକା ଭାବେ କାମ କରୁଛି । ନିଜ ସନ୍ତାନମାନଙ୍କୁ ପାଠ ପଢ଼େଇବାକୁ ଚେଷ୍ଟା କରି ଅସଫଳ ହୋଇଛି । ତୁମେ ଗାଁକୁ ଯାଇ ସରପଂଚଙ୍କ କାର୍ଯ୍ୟାଳୟରେ ନିଃଶୁଳ୍କ ଏବଂ ନିଶ୍ଚିତ ଶିକ୍ଷା ବିଷୟରେ ଖବର ନିଅ । ଉକ୍ତ ଜ୍ଞାନକୁ ଆଧାର କରି ଏକ ବିବରଣୀ ପ୍ରସ୍ତୁତ କର ।

(ଖ) ତୁମ ଗାଁ ଅଥବା ସହରରେ ୨୦ଟି ଘରର ସର୍ବେକ୍ଷଣ । ତିନିଟି ଆୟୁ ସମୂହ ଉପରେ ଲିଙ୍ଗ ଅନୁପାତ ଉପରେ ଜ୍ଞାନ ହାସଲ ପାଇଁ ଚେଷ୍ଟା କର । ତୁମ ସର୍ବେକ୍ଷଣ ନିମ୍ନ ସାରଣୀରେ ଉଲ୍ଲେଖ କର ।

| କ୍ର. ସଂ | ପ୍ରମୁଖ ବୟସ | ପୁରୁଷଙ୍କ ସଂଖ୍ୟା | ମହିଳାଙ୍କ ସଂଖ୍ୟା | ଶତକଡା ପୁରୁଷ-ମହିଳା | ଲିଙ୍ଗ ଅନୁପାତ |
|---|---|---|---|---|---|
| ୧ | ୦-୧୪ | | | | |
| ୨ | ୧୫-୫୯ | | | | |
| ୩ | ୬୦+ | | | | |

ଉପରୋକ୍ତ ସାରଣୀକୁ ଆଧାର କରି ଲିଙ୍ଗ ଅନୁପାତ ଉପରେ ଜ୍ଞାନ ହାସଲ କର । ଆୟୁ ସମୂହ ଏବଂ ଲିଙ୍ଗ ଅନୁପାତ ବଢୁଛି ନା କମୁଛି ? ତଥ୍ୟ ଅନୁସାରେ ଲିଙ୍ଗ ଅନୁପାତ ଉପରେ ଏକ ଲିଖିତ ବିବରଣୀ ଦିଅ । ଏହାର ପ୍ରଭାବ ଆମ ସମାଜ ଉପରେ କିପରି ପଡିବ ?

# ଅର୍ଥଶାସ୍ତ୍ର (୨୧୪)

**ECONOMICS (214)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

**TUTOR MARKED ASSIGNMENT (TMA), 2020-21**

**ସର୍ବାଧିକ ନମ୍ବର – ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଅର୍ଥଶାସ୍ତ୍ର ସ୍ୱଳ୍ପତା ଓ ବିକଳ୍ପର ବିଜ୍ଞାନ ; ବର୍ଣ୍ଣନା କର । (ପାଠ ୧ ଦେଖ)

(ଖ) ଅର୍ଥଶାସ୍ତ୍ର ଓ ଅଣ-ଅର୍ଥଶାସ୍ତ୍ର ମଧ୍ୟରେ ଉଦାହରଣ ସହ ପାର୍ଥକ୍ୟ ଦର୍ଶାଅ । (ପାଠ ୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଗୋଟିଏ ଅର୍ଥବ୍ୟବସ୍ଥା ଏକ ଢାଂଚା ଅଟେ ଯାହା ସମସ୍ତ ଆର୍ଥିକ କାର୍ଯ୍ୟକଳାପକୁ ଫଳ ପ୍ରଦାନ କରିଥାଏ ।

(ପାଠ ୪ ଦେଖ)

(ଖ) ଶ୍ରମ ସଘନ ଜ୍ଞାନକୌଶଳ ଓ ପୁଞ୍ଜି ସଘନ ଜ୍ଞାନକୌଶଳ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ? (ପାଠ ୭ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଯଦି ସ୍ୱଳ୍ପ ପୁଞ୍ଜିର ସର୍ବୋତ୍ତମ ବ୍ୟବହାର ନ ହୁଏ ତେବେ ଏହା ପୁଞ୍ଜିର ଧ୍ୱଂସ ବୋଲି ତୁମେ ଭାବୁଛ କି ? ମତାମତ ଲେଖ । (ପାଠ ୫ ଦେଖ)

(ଖ) ଗୋଟିଏ ଅର୍ଥନୀତିରେ ଦ୍ରବ୍ୟ ଓ ସେବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବର୍ଣ୍ଣନା କର । (ପାଠ ୩ ଦେଖ)

୪.  ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ସକାରାତ୍ମକ ଅର୍ଥଶାସ୍ତ୍ର ଓ ଆଦର୍ଶବାଦୀ  ଅର୍ଥଶାସ୍ତ୍ର ମଧ୍ୟରେ ପାର୍ଥକ୍ୟକୁ ଉଦାହରଣ ଦ୍ୱାରା ବୁଝାଅ ।

(ପାଠ ୧ ଦେଖ)

(ଖ) ସାହିଲ୍ ଏକ ଉଦ୍ୟୋକ୍ତା ହେବାକୁ ଚାହୁଁଛି । ଏକ ଉଦ୍ୟୋଗୀ ରୂପେ ସେ କେଉଁ କେଉଁ କାର୍ଯ୍ୟ କରିବା ଉଚିତ୍ ଲେଖ ।

(ପାଠ ୬ ଦେଖ)

୫.  ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଏକ କାଳ୍ପନିକ ସଂଖ୍ୟକ ଉଦାହରଣ ବା ସାରଣୀ ଦ୍ୱାରା ଚାହିଦା ସୂତ୍ରର ଆଲୋଚନା କର ।  (ପାଠ ୯ ଦେଖ)

(ଖ) ଉଦାହରଣ ସହ ଗୋଟିଏ ଅର୍ଥନୀତିର କେନ୍ଦ୍ରୀୟ ସମସ୍ୟାକୁ ଆଲୋଚନା କର ।  (ପାଠ ୫ ଦେଖ)

୬.  ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର ।  (୬)

(କ) ଉପଭୋଗ ଦ୍ରବ୍ୟ ଏବଂ ଉତ୍ପାଦକ ଦ୍ରବ୍ୟ ଗୁଡିକର ଏକ ତାଲିକା ପ୍ରସ୍ତୁତ କର ଏବଂ ବ୍ୟବହାରିକ ଦୃଷ୍ଟିକୋଣରୁ ଉପଭୋଗ ଦ୍ରବ୍ୟ କିପରି ଉତ୍ପାଦକ ଦ୍ରବ୍ୟ ଠାରୁ ଭିନ୍ନ ଲେଖ ।  (ପାଠ ୩ ଦେଖ)

(ଖ) ପ୍ରଦତ୍ତ ସାରଣୀରୁ ସୀମାନ୍ତ ଉତ୍ପାଦ ଓ ହାରାହାରି ଉତ୍ପାଦ ନିର୍ଣ୍ଣୟ କର ।  (ପାଠ ୭ ଦେଖ)

| ଶ୍ରମର ଏକକ | ମୋଟ ଉତ୍ପାଦ | ସୀମାନ୍ତ ଉତ୍ପାଦ | ହାରାହାରି ଉତ୍ପାଦ |
|---|---|---|---|
| ୦ | ୧୦ | | |
| ୧ | ୧୫ | | |
| ୨ | ୨୦ | | |
| ୩ | ୨୭ | | |
| ୪ | ୩୬ | | |
| ୫ | ୪୦ | | |

# ବ୍ୟବସାୟ ଅଧ୍ୟୟନ (୨୧୫)

## BUSINESS STUDIES (215)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

### TUTOR MARKED ASSIGNMENT (TMA), 2020-21

**ସର୍ବାଧିକ ନମ୍ବର – ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ୱଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ପରିବେଶ ପ୍ରଦୂଷଣ ରୋକିବାରେ ଭାରତର ଭୂମିକା ବର୍ଣ୍ଣନା କର ? (ପାଠ-୧ ଦେଖ)

(ଖ) ଜଣେ ବ୍ୟବସାୟୀ ଭାବରେ ତୁମେ ଦୈନନ୍ଦିନ ବ୍ୟବସାୟ ପରିଚାଳନାରେ ସମ୍ପାଦନ କରୁଥିବା କ୍ରିୟାକଳାପ ଗୁଡ଼ିକୁ ଲେଖ । (ପାଠ-୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଏକକ ମାଲିକାନାସତ୍ତ୍ୱ ବ୍ୟବସାୟ ପ୍ରାରମ୍ଭ କରିବା ଓ ଶେଷ କରିବା ସରଳ ଅଟେ । ଏକକ ମାଲିକାନାସତ୍ତ୍ୱ ବ୍ୟବସାୟ ଚିରନ୍ତନ ଭାବରେ ଚାଲିପାରିବ କି ? (ପାଠ-୩ ଦେଖ)

(ଖ) 'ବ୍ୟବସାୟରେ ଦ୍ରବ୍ୟ ଓ ବ୍ୟକ୍ତି ଚଳାଚଳ ଗୁରୁତ୍ୱପୂର୍ଣ୍ଣ ଅଟେ ।' ଏହି ଉକ୍ତିକୁ ଆଖିଆଗରେ ରଖି ବ୍ୟବସାୟରେ ପରିବହନର ଗୁରୁତ୍ୱ ଆଲୋଚନା କର । (ପାଠ-୫ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) 'ଇ-ମେଲ୍ ଲିଖିତ ବାର୍ତ୍ତା ପ୍ରେରଣର ଦ୍ରୁତତମ ପଦ୍ଧତି'-ବ୍ୟାଖ୍ୟା କର । (ପାଠ-୭ ଦେଖ)

(ଖ) "ପଣ୍ୟାଗାର" ବେପାରର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ ।' ଏହି ଉକ୍ତିକୁ ବ୍ୟାଖ୍ୟା କର । (ପାଠ-୬ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ମାଲିକାନା ଆଧାରରେ କମ୍ପାନୀଗୁଡ଼ିକ ଚାରି ପ୍ରକାରର । ବିଭିନ୍ନ ପ୍ରକାର କମ୍ପାନୀର ବିଶେଷତ୍ୱ ଆଲୋଚନା କର । (ପାଠ-୪ ଦେଖ)

(ଖ) ସାର୍ବଜନିକ ଭବିଷ୍ୟନିଧି ପାଣ୍ଠି ଖାତାର ବିଶେଷତ୍ୱ ଗୁଡ଼ିକୁ ଉଲ୍ଲେଖ କର । (ପାଠ-୮ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ବ୍ୟାଙ୍କିଂ କ୍ଷେତ୍ରର ଅଧୁନାତନ ଘଟଣାକ୍ରମ ଏବଂ ଏହାର ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ବର୍ଣ୍ଣନା କର । (ପାଠ-୯ ଦେଖ)

(ଖ) 'କେତେକ ନିର୍ଦ୍ଦିଷ୍ଟ ବିଶେଷତ୍ୱ ଥିଲେ ଏକ ପଣ୍ୟାଗାରକୁ ଆଦର୍ଶ ପଣ୍ୟାଗାର କୁହାଯାଏ'-ବ୍ୟାଖ୍ୟାକର ।

(ପାଠ-୬ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬)

(କ) ତୁମେ ନିକଟବର୍ତ୍ତୀ ଏକ ବ୍ୟାଙ୍କକୁ ଯାଅ ଅଥବା ନିଃଶୁଳ୍କ ଟେଲିଫୋନ୍ ନମ୍ବରରେ ଫୋନ୍ କରି ଏକ ସ୍ୱଂୟ ଜମା ଖାତା ଖୋଲିବାର ପଦ୍ଧତି ବୁଝ । ଏହାର ଏକ ପ୍ରତିବେଦନ (ରିପୋର୍ଟ) ପ୍ରସ୍ତୁତ କର । (ପାଠ-୯ ଦେଖ)

(ଖ) ତୁମ ଅଞ୍ଚଳରେ ଥିବା ଏକ ସମବାୟ ସମିତିକୁ ପରିଦର୍ଶନ କର । ସେଠାରେ ସମ୍ପାଦିତ ବିଭିନ୍ନ କାର୍ଯ୍ୟକଳାପ, ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସମିତିର ସଦସ୍ୟ ସଂକ୍ରାନ୍ତରେ ଏକ ରିପୋର୍ଟ ପ୍ରସ୍ତୁତ କର ।

(ପାଠ-୫ ଦେଖ)

# ଗୃହ ବିଜ୍ଞାନ (୨୧୬)

## HOME SCIENCE (216)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

### TUTOR MARKED ASSIGNMENT (TMA), 2020-21

**ସର୍ବାଧିକ ନମ୍ବର – ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ତୁମେ ମଧ୍ୟାହ୍ନ ଭୋଜନର ଗୃହ ବିତରଣ (ହୋମ୍ ଡେଲିଭରୀ) ଖାଦ୍ୟ ସେବା ଆରମ୍ଭ କରିବାକୁ ଚାହୁଁଛ । ପରିବେଷଣ କରିବା ନିମନ୍ତେ ଉଦ୍ଦିଷ୍ଟ ସନ୍ତୁଳିତ ଭୋଜନ ପାଇଁ ଖାଦ୍ୟ ସୂଚୀ ପ୍ରସ୍ତୁତ କର । ତୁମେ ତୁମ ବ୍ୟବସାୟରେ କେଉଁ ଚାରୋଟି ନୈତିକ ମୂଲ୍ୟର ଧ୍ୟାନ ରଖିବ । (ପାଠ ୩, ୨୧ ଓ ୨୨ ଦେଖ)

(ଖ) ଶୃଙ୍ଖଳା ଲଙ୍କା ଶୁଖେଇବା ହେଉଛି ତୁମର ପାରିବାରିକ ବ୍ୟବସାୟ । ଗୃହ ବିଜ୍ଞାନ ଅଧ୍ୟୟନ କରିବା ପରେ, ତୁମେ କିପରି ତୁମର ପାରିବାରିକ ଆୟର ବୃଦ୍ଧି କରି ପାରିବ । (ପାଠ ୫, ୧୬ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ତିନିରୁ ଛଅ ବର୍ଷର ପିଲା ନର୍ସରୀ ସ୍କୁଲରେ ପଢ଼ନ୍ତି । ପ୍ରତି ବର୍ଷର ସେମାନଙ୍କ ଗତି ଓ ଭାଷାର ବିକାଶକୁ ଉଦାହରଣ ସହିତ ଲେଖ । (ପାଠ ୧୮, ୧୯ ଦେଖ)

(ଖ) ତୁମ ସମ୍ପ୍ରଦାୟର ଲୋକମାନେ ପବନ ଓ ପାଣିର ପ୍ରଦୂଷଣରେ କିପରି ପ୍ରଭାବିତ ହେଉଛନ୍ତି ଲେଖ ? ଏଥିରୁ ମୁକ୍ତି ପାଇବାକୁ ତୁମେ କିପରି ସାହାଯ୍ୟ କରିବ ? (ପାଠ ୬, ୭ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ନିଜ ଘରେ ବ୍ୟବହାର କରାଯାଉଥିବା ଛଅଟି କପଡାକୁ ଚୟନ କର । ସେଗୁଡିକର ତନ୍ତୁ, ବୁଣା ଏବଂ ପରିସଜ୍ଜାର ପ୍ରକାର ଗୁଡିକ ଚିହ୍ନଟ କର । (ପାଠ ୧୦, ୧୧ ଦେଖ)

(ଖ) ନାନୁ ଏକ ଅଠର ବର୍ଷର ବାଳକ । ତା'ର ଟଙ୍କା ଚୋରି ଏବଂ ମିଥ୍ୟା କହିବାର ଅଭ୍ୟାସ ଅଛି । ତା'ର ଏପରି ଆଚରଣର ଚାରୋଟି କାରଣ ଏବଂ ଚାରୋଟି ସମାଧାନ ଲେଖ । (ପାଠ ୧, ୨, ୩ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଗୋଟିଏ ବିବାହ ଉତ୍ସବରେ ତୁମେ ତୁମର ରେଶମ ବସ୍ତ୍ରକୁ ପିନ୍ଧିବାକୁ ବାହାର କରିଛ । ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ଉତ୍ତର ଦିଅ ।

i. ଏହା ପ୍ରକୃତରେ ରେଶମ କି ଅନ୍ୟ ବସ୍ତ୍ର ତାହାକୁ ହାତରେ ଘଷି କିମ୍ବା ନିଆଁରେ ପୋଡି ପରୀକ୍ଷା କରି ସୁନିଶ୍ଚିତ ହୁଅ ।

ii. ତୁମେ ତୁମ ବସ୍ତ୍ରରେ ଗୋଟିଏ କଣା ଦେଖିଲ, ଏହାର କାରଣ ଓ ସମାଧାନ ଲେଖ ।

iii. ତୁମେ ବସ୍ତ୍ରଟିକୁ କିପରି ମଣ୍ଡ ଦେବ, ଶୁଖାଇବ ଓ ଇସ୍ତ୍ରୀ କରିବ ?

iv. ତୁମେ କିପରି ବସ୍ତ୍ରଟିରୁ ତେଲ ଦାଗକୁ ଛଡେଇବ ?

(ପାଠ- ୯, ୧୦ ଦେଖ)

(ଖ) ଗୋଟିଏ କମ୍ପାନୀରେ ୨୦,୦୦୦ ଟଙ୍କା ଦରମା ପାଇ ତୁମେ ପୂର୍ଣ୍ଣକାଳୀନ କାର୍ଯ୍ୟ କରୁଛ । ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ଉତ୍ତର ଦିଅ ।

i. ସକାଳୁ ଉଠିବା ପରଠାରୁ ଘରକୁ ଆସିବା ପର୍ଯ୍ୟନ୍ତ ୧୨ ଘଂଟିଆ ସମୟ ତାଲିକା କର ।

ii. ତୁମେ ଗୋଟିଏ ଭଡା ଘରେ ରହିଲା ପରି ଏକ ଆୟବ୍ୟୟ ଅଟକଳ କର ।

iii. ତୁମର ସକାଳ ଜଳଖିଆ ଏବଂ ଟିଫିନ୍ ବାକ୍ସର ମେନୁ ପ୍ରସ୍ତୁତ କର ।

iv. ତୁମର ସ୍ୱାସ୍ଥ୍ୟ ଏବଂ ଜୀବନ ଶୈଳୀର ବିଶ୍ଳେଷଣ କର । (ପାଠ ୩, ୭, ୮, ୧୫, ୧୬ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ରହିମ୍ ଖାଲି ପାଦରେ ପଡିଆରେ ଚାଲିବା ଦ୍ୱାରା ରୋଗରେ ପଡିଗଲା । ଏହି ପରିପ୍ରେକ୍ଷୀରେ ନିମ୍ନଲିଖିତ ଉତ୍ତର ଦିଅ ।

- ତାର ରୋଗର କଣ ସମ୍ଭାବ୍ୟ କାରଣ ହୋଇପାରେ ।
- ତାର ରୋଗର ଦୁଇଟି ସମ୍ଭାବ୍ୟ ଲକ୍ଷଣ ଲେଖ ।

- ରୋଗରୁ ବଂଚିବାକୁ ଦୁଇଟି ପ୍ରତିଷେଧକ ଉପାୟ ଲେଖ ।
- ଏହି ରୋଗର ନିମ୍ନ ରୋଗ ପ୍ରତିରୋଧ ଶକ୍ତି ସହିତ କ'ଣ ସମ୍ପର୍କ ଅଛି । (ପାଠ-୬, ୭, ୮ ଦେଖ)

(ଖ) ତୁମେ ତୁମର ପିତା-ମାତା ଏବଂ ୨୨ ବର୍ଷର ଭାଇ ସହିତ ରହୁଛ । ଏହାକୁ ଧାନରେ ରଖି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

i. ତୁମର ପରିବାର କେଉଁ ଜୀବନ ଚକ୍ର ମଧ୍ୟରେ ଗତି କରୁଛି ? ସଂକ୍ଷିପ୍ତ ବର୍ଣ୍ଣନା କର ।
ii. ସୁସ୍ଥ ପାରିବାରିକ ସଂପର୍କ ରଖିବା ପାଇଁ ପରିବାର ସଦସ୍ୟ ମାନେ କ'ଣ କରନ୍ତି ।
iii. ତୁମେ କିପରି ତୁମ ଭାଇକୁ କୁସଙ୍ଗମାନଙ୍କ ଠାରୁ ବଞ୍ଚାଇବ ?
iv. ତୁମ ଜୀବନରେ ପାରିବାରିକ ମୂଲ୍ୟର ମହତ୍ୱ କଣ ? (ପାଠ-୧୭, ୨୦, ୨୧ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ନିକଟସ୍ଥ ବଜାରକୁ ଯାଅ ଏବଂ ନିମ୍ନଲିଖିତ ସାମଗ୍ରୀକୁ ଲକ୍ଷ୍ୟ କରି ଉପଯୁକ୍ତ ଟିପ୍ପଣୀ ଦିଅ ।

i. ଦଶଟି ଭିନ୍ନ ଭିନ୍ନ ପ୍ୟାକିଂ ହୋଇ ରହିଥିବା ଖାଦ୍ୟକୁ ଚୟନ କର । ପ୍ରତ୍ୟେକ ଖାଦ୍ୟ ପଦାର୍ଥରେ ରହିଥିବା ପ୍ରମୁଖ ଖାଦ୍ୟ ଗୋଷ୍ଠୀକୁ ଚିହ୍ନଟ କର ।
ii. ଦଶ ଗୋଟି ବସ୍ତ୍ର ପସନ୍ଦ କର । ପ୍ରତ୍ୟେକରେ ଥିବା ତନ୍ତୁକୁ ଚିହ୍ନଟ କର ଏବଂ ସେହି ବସ୍ତ୍ରରେ ରହିଥିବା ଉପଯୋଗିତାକୁ ବର୍ଣ୍ଣନା କର ।
iii. ଘରେ ବ୍ୟବହୃତ ୪ ଗୋଟି ଉପକରଣ ପସନ୍ଦ କର । ପ୍ରତ୍ୟେକର ମାନକ ଚିହ୍ନ ଓ ଗ୍ୟାରେଂଟି କାର୍ଡର ଉପଲବ୍ଧତାକୁ ଯାଂଚ କର ।
iv. ଘର ପାଇଁ ୪ ଟି ସଫେଇ ସଂସ୍ଥା ପସନ୍ଦ କର । ଗୋଟିଏ ଚିଠାରେ ପ୍ରତ୍ୟେକର ମୂଲ୍ୟ ଓ ଉପକାର ଲେଖ ।
v. ପ୍ରାଥମିକ ଚିକିତ୍ସା ବାକ୍ସରେ ରଖିବା ପାଇଁ ୧୦ ଟି ଜିନିଷ ଲେଖ । ପ୍ରତ୍ୟେକଟିକୁ ରଖିବାର କାରଣ ଲେଖ ।
vi. ଦୁଇ ବର୍ଷର ଶିଶୁର ସୂକ୍ଷ୍ମ କ୍ରିୟାତ୍ମକ ବିକାଶକୁ ଅଧିକ କରିବା ପାଇଁ ୪ ଟି ଖେଳନାର ନାମ ଓ କାରଣ କୁହ ।

(ପାଠ- ୩,୫,୧୦,୧୨,୧୩,୧୮,୨୨ ଦେଖ)

(ଖ) ତୁମ ପାଖାପାଖି ପରିବାରକୁ ନିରୀକ୍ଷଣ କରି ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

i. କୌଣସି ଦୁଇ ପଡୋଶୀଙ୍କ ଘରକୁ ଯାଅ । ତାଙ୍କ ପରିବାରରେ କେଉଁ ପ୍ରକାରର ଶୌଚାଳୟ ବ୍ୟବହାର କରନ୍ତି ? ତାଙ୍କର ତାହା କାହିଁକି ପସନ୍ଦ ପାଇଁ ଗୋଟିଏ କାରଣ ଲେଖ । ଏହି ଶୌଚାଳୟର ଦୁଇଟି ଉପକାରିତା ଓ ଅପକାରିତା ଲେଖ ।

ii. ପରିଚାଳନାର ନୀତିନିୟମକୁ ଆଧାର କରି ଜଣେ ମହିଳା ପାଇଁ ୪ ଗୋଟି ପ୍ରସ୍ତାବ ଦିଅ, ଯିଏ ଘରେ ରହି ପାମ୍ପଡ ତିଆରି କରି ନିଜର ପାରିବାରିକ ଆୟକୁ ବଢ଼େଇବାକୁ ଚାହାଁନ୍ତି ।

iii. ଗୋଟିଏ ପରିବାର ସଦସ୍ୟ ମାନେ ସକାଳ ୮ଟାରେ ଘରୁ ବାହାରନ୍ତି, ପିତା-ମାତା କର୍ମ କ୍ଷେତ୍ରକୁ ଓ ପିଲା ମାନେ ସ୍କୁଲକୁ ଯାଆନ୍ତି, ତାଙ୍କର ସକାଳ ଭୋଜନ ଓ ମଧ୍ୟାହ୍ନ ପ୍ୟାକେଟ୍ ଭୋଜନର ତାଲିକା ପ୍ରସ୍ତୁତ କର ।

iv. ଗୋଟିଏ ପରିବାରର ସକାଳ ୬ ଟାରୁ ୮ ପର୍ଯ୍ୟନ୍ତ ସମୟର ଯୋଜନା ପ୍ରସ୍ତୁତ କର ।

v. ତୁମକୁ ୧୮ ବର୍ଷ ବୟସ । ତୁମର ୧୨ ବର୍ଷର ଭଉଣୀ ଓ ୧୬ ବର୍ଷର ଭାଇର ଶାରୀରିକ ବୃଦ୍ଧିରେ କେଉଁ ୪ଟି ପାର୍ଥକ୍ୟ ଦେଖୁଛ । ସେମାନଙ୍କର ବିକାଶରେ ସହାୟକ ହେବା ପାଇଁ ୪ ଟି ଜୀବନ କୌଶଳ ଲେଖ ।

vi. ତୁମ ସାଙ୍ଗ କିଛି ଦିନ ତଳେ କିଣି ଥିବା ଏକ ଫ୍ରିଜ୍‌ରେ କିଛି ସମସ୍ୟା ଦେଖାଦେଇଛି, ଉପଭୋକ୍ତା ସଂରକ୍ଷଣ ଆଇନ୍‌ର ବ୍ୟବହାର କରି ନିଜ ସାଙ୍ଗକୁ ସାହାଯ୍ୟ କର ।

(ପାଠ ୩, ୫ ,୧୦, ୧୨, ୧୩, ୧୮, ୨୨ ଦେଖ)

# ମନୋବିଜ୍ଞାନ (୨୨୨)

## PSYCHOLOGY (222)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

**TUTOR MARKED ASSIGNMENT (TMA), 2020-21**

**ସର୍ବାଧିକ ନମ୍ବର – ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ୱଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଏକ ଉତ୍ତର ଏବଂ ଏକାଧିକ ଉତ୍ତର ପ୍ରଶ୍ନାବଳୀ ମଧ୍ୟରେ ଥିବା ପ୍ରଭେଦକୁ ଗୋଟିଏ ଉଦାହରଣ ମାଧ୍ୟମରେ ବୁଝାଅ ।

(ପାଠ- ୨ ଦେଖ)

(ଖ) ଅଧୀର ଜନ୍ମରୁ ଶାରିରୀକ ସ୍ତରରେ ଦୁର୍ବଳ ଅଟେ । ଛୋଟ ଛୋଟ କଥାକୁ ବୁଝିବା ପାଇଁ ତାକୁ ବହୁତ ସମୟ ଲାଗେ । ଏହା ପଛରେ ଥିବା କାରଣ ଗୁଡିକ କଣ ବର୍ଣ୍ଣନା କର । (ପାଠ-୧୬ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ପ୍ରାଥମିକ ଆବଶ୍ୟକତା ଗୁଡିକ ଉପରେ ସଂସ୍କୃତି ଓ ପରିବେଶର କି ପ୍ରଭାବ ରହିଛି । (ପାଠ – ୮ ଦେଖ)

(ଖ) ପ୍ରତ୍ୟେକରୁ ଏକ ଏକ ଉଦାହରଣ ଦେଇ ପରିହାର - ପ୍ରସ୍ତାବ ଏବଂ ପ୍ରସ୍ତାବ -ପରିହାର ସମ୍ବନ୍ଧରେ ବୁଝାଅ ।

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ସୁଧାର ଗୃହ ଏବଂ ମନୋଚିକିତ୍ସକ ସଂସ୍ଥା ଉପରେ ଜନଗହଳିର କି ପ୍ରଭାବ ପଡେ ? (ପାଠ- ୨୩ ଦେଖ ।

(ଖ) ତୁମର ସବୁଠାରୁ ପ୍ରିୟ ସାଙ୍ଗ ମାନସିକ ଚାପରେ ଅଛି । ସୁଖୀ ଏବଂ ଉତ୍ତମ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା କେଉଁ କାରକ ସମ୍ପର୍କରେ ତୁମେ ତାକୁ ପରାମର୍ଶ ଦେଇପାରିବ । (ପାଠ- ୧୭ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଆସନ୍ତା ପରୀକ୍ଷା ପାଇଁ ଭଲ ଭାବରେ ପ୍ରସ୍ତୁତ ନହେବା କାରଣରୁ ତୁମ ସାଙ୍ଗ ଚାପଗ୍ରସ୍ତ ଅଟେ । ଏପରି ବିକଳ୍ପ ପଦ୍ଧତି / ଉପାୟ ଗୁଡିକ ବର୍ଣ୍ଣନା କର ଯାହା ଦ୍ୱାରା ସେ ସ୍ମୃତିଶକ୍ତିର ଅଭିବୃଦ୍ଧି କରି ମାନସିକ ଚାପକୁ ପ୍ରତିହତ କରିପାରିବ । (ପାଠ- ୬ ଦେଖ)

(ଖ) ପଢ଼ିବା ସମୟରେ ପ୍ରତିଭା ପଢ଼ାରେ ମନୋନିବେଶ କରି ପାରୁନାହିଁ । ତା' ମନକୁ ବିଭିନ୍ନ ପ୍ରକାରର ଭାବନା / ଚିନ୍ତା ମନକୁ ଆସୁଛି । ମନକୁ କିପରି ନିୟନ୍ତ୍ରଣ କରିବ ବୁଝାଅ ? (ପାଠ- ୧୭ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ସମାଜରେ ବୃଦ୍ଧ ବ୍ୟକ୍ତିଙ୍କର କଣ ଗୁରୁତ୍ୱ ଅଛି ? ନିଜର ଅନୁଭବର ଆଧାରରେ ବର୍ଣ୍ଣନା କର ?

(ପାଠ ୧୨ ଦେଖ)

(ଖ) ଯେତେବେଳେ ତୁମେ ଡାକ୍ତରଙ୍କ ପାଖକୁ ଯାଅ ସେତେବେଳେ ସେ ଆପଣଙ୍କ ସମସ୍ୟା ଏବଂ ରୋଗର ଲକ୍ଷଣକୁ ଜାଣିବା ପାଇଁ ବିସ୍ତୃତ ଭାବରେ ତଥ୍ୟ ସଂଗ୍ରହ କରିଥାନ୍ତି । ତୁମର ସମସ୍ୟାକୁ ବୁଝିବାକୁ ସେ କେଉଁ ପଦ୍ଧତି ଅବଲମ୍ବନ କରିଥାନ୍ତି ? ସେ ସମ୍ପର୍କରେ ବର୍ଣ୍ଣନା କର । (ପାଠ ୨୦ ଦେଖ)

୬. ନିମ୍ନରେ ଦିଆଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ଆମ ସ୍ୱାସ୍ଥ୍ୟ ଉପରେ ବାୟୁ ପ୍ରଦୂଷଣର କି ପ୍ରଭାବ ରହିଛି ଏବଂ ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ । ଏହାକୁ ଆଧାର କରି ଏକ ରିପୋର୍ଟ ପ୍ରସ୍ତୁତ କର । (୨୦୦-୩୦୦ ଶବ୍ଦରେ ଲେଖ) (ପାଠ ୨୩ ଦେଖ)

(ଖ) ଆପଣଙ୍କ ଅଂଚଳର ଯେକୌଣସି ୫ ଜଣ ବୃଦ୍ଧ ବ୍ୟକ୍ତିଙ୍କୁ ସାକ୍ଷାତ କର ଏବଂ ସେ କି ପ୍ରକାରର ଶାରିରୀକ ତଥା ସଂଜ୍ଞାନାତ୍ମକ ପରିବର୍ତ୍ତନର ସାମନା କରୁଛନ୍ତି ଜାଣିବାକୁ ଚେଷ୍ଟା କର । ସେ ଏହି ସମସ୍ୟାକୁ ସମାଧାନ କରିବା ପାଇଁ କେଉଁ ରଣନୀତି ଆପଣେଇବେ ପରାମର୍ଶ ଦିଅ । (୨୦୦-୩୦୦ ଶବ୍ଦରେ ଲେଖ) (ପାଠ ୧୨ ଦେଖ)

# ଭାରତୀୟ ସଂସ୍କୃତି ଓ ଐତିହ୍ୟ (୨୨୩)

**INDIAN CULTURE & HERITAGE (୨୨୩)**

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

**TUTOR MARKED ASSIGNMENT (TMA), 2020-21**

**ସର୍ବାଧିକ ନମ୍ବର – ୨୦**

Max. Marks : **20**

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବିଶ୍ୱର ଅନେକ ପ୍ରଦେଶର ଇତିହାସ ବିଭିନ୍ନ ଶାସ୍ତ୍ରୀୟ ଭାଷାରେ ଲିପିବଦ୍ଧ ଅଛି । ଏହି ଉକ୍ତିର ବିଶ୍ଳେଷଣ କର ।

(ପାଠ-୩ ଦେଖ)

(ଖ) ଇତିହାସର ଗୁରୁତ୍ୱ କେବଳ ଉଚ୍ଚ ବର୍ଗ ଲୋକଙ୍କ ମଧ୍ୟରେ ସୀମିତ ନ ରହି ସମାଜର ସବୁ ସ୍ତରରେ ଯୋଡି ହୋଇଯାଇଛି । ଏହି ଉକ୍ତିର ବିଶ୍ଳେଷଣ କର । (ପାଠ-୩ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବୌଦ୍ଧ ଧର୍ମର ଯେ କୌଣସି ଦୁଇଟି ବିଶେଷତାର ପରୀକ୍ଷା କର । (ପାଠ-୩ ଦେଖ)

(ଖ) ଜୈନ ଧର୍ମର ଯେକୌଣସି ଦୁଇଟି ବୈଶିଷ୍ଟ୍ୟ ପରୀକ୍ଷା କର । (ପାଠ-୩ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ପାରସିକମାନଙ୍କ ସହ ସଂପର୍କର ଯେକୌଣସି ଦୁଇଟି ସାଂସ୍କୃତିକ ପ୍ରଭାବର ବିଶ୍ଳେଷଣ କର । (ପାଠ-୩ ଦେଖ)

(ଖ) ଭାରତୀୟ ମୂର୍ତ୍ତିକଳାର ବିକାଶ ଉପରେ ଗ୍ରୀକ୍ କଳାର ପ୍ରଭାବ ବିଶ୍ଳେଷଣ କର । (ପାଠ-୩ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ଭାରତରେ ସୁଫିବାଦର ଅଭ୍ୟୁତ୍ଥାନ ଉପରେ ପରୀକ୍ଷା କର । (ପାଠ-୪ ଦେଖ)

(ଖ) ନ୍ୟୁମିସମେଟିକ୍ସ ଆମ ପାଇଁ କିପରି ମହତ୍ୱପୂର୍ଣ୍ଣ ଅଟେ ? ଭାରତର ମଧ୍ୟକାଳ ସନ୍ଦର୍ଭରେ ଏହାର ପରୀକ୍ଷା କର । (ପାଠ-୪ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ମଧ୍ୟକାଳୀନ ଭାରତ ବର୍ଷର ବିଭିନ୍ନ କ୍ଷେତ୍ରରେ ବିକଶିତ ହୋଇଥିବା କୌଣସି ଚାରୋଟି ଲୋକକଳାର ବିଶ୍ଳେଷଣ କର । (ପାଠ-୪ ଦେଖ)

(ଖ) ଯେ କୌଣସି ଚାରୋଟି ବିକଶିତ ଭାରତୀୟ ଆଧୁନିକ ଭାଷାର ବିଶ୍ଳେଷଣ କର । (ପାଠ-୪ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ୧୮୧୩ ମସିହା ଯାଏଁ ଭାରତ, ଇଂରେଜ ସାମଗ୍ରୀର ବହୁତ ବଡ ଉପଭୋକ୍ତା ରହିବା ସହ ବହୁ ପରିମାଣର କଂଚାମାଲ ରପ୍ତାନୀ କରୁଥିଲା । ଏହି ଆଧାରରେ ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଦିଅ ।

i. ଭାରତର ଉତ୍କୃଷ୍ଟ ହସ୍ତଶିଳ୍ପ ବାଣିଜ୍ୟର ଅବସ୍ଥା କ'ଣ ହେଲା ?

ii. ଭାରତୀୟ ବେପାରର କିପରି ଭାବେ ଅନ୍ତ ଘଟିଲା ?

iii. ପରିବହନ ତଥା ଯୋଗାଯୋଗର ଭୂମିକାର ବାସ୍ତବିକ ରୂପ ଚିହ୍ନଟ କର । (ପାଠ-୫ ଦେଖ)

(ଖ) ଊନବିଂଶ ଶତାବ୍ଦୀର ଶେଷ ଆଡକୁ ଭାରତରେ ଛାପାଖାନା ଜନତାଙ୍କ ବିଚାରକୁ ସୁଗଠିତ, ପ୍ରଚାରିତ, ପ୍ରସାରିତ, ପ୍ରଭାବୀ ଏବଂ ପ୍ରଖର କରିବା ପାଇଁ ଏକ ସଶକ୍ତ ମାଧ୍ୟମ ହୋଇ ସାରିଥିଲା । (ପାଠ – ୫ ଦେଖ)

i. ଇଂରେଜ ବିରୋଧୀ ଭାବନାର ପ୍ରସାରରେ ସମ୍ବାଦପତ୍ରର ଭୂମିକା ଚିହ୍ନଟ କର ।

ii. ସମ୍ବାଦପତ୍ର ଗୁଡିକ କିପରି ଭାବେ ଅଖିଳ-ଭାରତୀୟ ଚେତନାର ବୃଦ୍ଧି କଲେ ?

iii. ଏହି ସମୟରେ ଇଂରାଜୀ, ମରାଠୀ, ତାମିଲ, ଉର୍ଦ୍ଦୁ ଭାଷାରେ ପ୍ରକାଶିତ ଗୋଟିଏ ଗୋଟିଏ ସମ୍ବାଦପତ୍ରର ନାମ ଲେଖ ।

# ହିସାବରକ୍ଷଣ ଶାସ୍ତ୍ର (୨୨୪)

## ACCOUNTANCY (224)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

### TUTOR MARKED ASSIGNMENT (TMA), 2020-21

**ସର୍ବାଧିକ ନମ୍ବର – ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ହିସାବରକ୍ଷଣର ପ୍ରୟୋଗ ସମୟରେ ତୁମେ କେଉଁସବୁ ସମସ୍ୟାର ସମ୍ମୁଖୀନ ହେବ ଲେଖ ? (ପାଠ-୧ ଦେଖ)

(ଖ) ନିବେଶକମାନେ ନିବେଶ ସମୟରେ ହିସାବରକ୍ଷଣ ସୂଚନାକୁ ବିବେଚନା କରିବା ଉଚିତ କି ? (ପାଠ-୧ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ତୁମେ ଏକ ବ୍ୟବସାୟ ଚଳାଉଛ । ବ୍ୟବସାୟ ସମୟରେ ହିସାବରକ୍ଷଣ ପାଇଁ ତୁମେ ଉଭୟ ଆର୍ଥିକ ଓ ଅଣଆର୍ଥିକ ନେଣଦେଣକୁ ଅଭିଲିଖନ କର କି ? (ପାଠ-୨ ଦେଖ)

(ଖ) ବ୍ୟବସାୟ ପରିଚାଳନା ପାଇଁ କେତେକ ସମ୍ପତ୍ତି ରହିବା ଆବଶ୍ୟକ । ବିଭିନ୍ନ ପ୍ରକାର ସମ୍ପତ୍ତିର ବ୍ୟାଖ୍ୟା କର ଓ ପ୍ରତ୍ୟେକରୁ ତିନିଟି ଲେଖାଏଁ ଉଦାହରଣ ଦିଅ । (ପାଠ-୩ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ହିସାବରକ୍ଷଣ ସମୟରେ ବ୍ୟବସାୟର ନେଣଦେଣ ଅଭିଲିଖନ ନିମନ୍ତେ ପ୍ରୟୋଗ କରାଯାଉଥିବା ବିଭିନ୍ନ ପ୍ରକାର ଚିଠାର ବ୍ୟାଖ୍ୟା କର ? (ପାଠ-୫ ଦେଖ)

(ଖ) ମେଳାଣ ସମୟରେ ତୁମକୁ ବ୍ୟବସାୟର ରୋକଡ଼ ବହି ଏବଂ ବ୍ୟାଙ୍କ ପାସ୍ ବହିରେ ରହିଥିବା ଭିନ୍ନତାକୁ ଚିହ୍ନଟ କରିବାକୁ ପଡ଼ିଥାଏ । ଯେକୌଣସି ଚାରିଟି କାରଣ ସଂକ୍ଷେପରେ ବର୍ଣ୍ଣନା କର ।

(ପାଠ-୮ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ତୁମେ ଏକ ବ୍ୟବସାୟରେ ହିସାବରକ୍ଷକ ଅଟ । ନିମ୍ନଲିଖିତ ନେଣଦେଣର ଜାବେଦାକରଣ କର:-

(i)- ନଗଦ ଅର୍ଥରେ ବ୍ୟବସାୟ ଆରମ୍ଭ ୩୦,୦୦୦ ଟଙ୍କା

(ii)- ନଗଦ ମାଲ୍ କ୍ରୟ ୧୨,୦୦୦ ଟଙ୍କା

(iii)-ସୁରେଶଙ୍କୁ ମାଲ୍ ବିକ୍ରି ୧୦,୦୦୦ ଟଙ୍କା

(iv)-ଲିଖନ ସାମଗ୍ରୀ କ୍ରୟ ୨,୦୦୦ ଟଙ୍କା

(ପାଠ-୬ ଦେଖ)

(ଖ) ତୁମକୁ ଏକ ଫାର୍ମର ପରିଦାୟ ପ୍ରଦାନ କରିବାକୁ ହେବ । ଏକ ଫାର୍ମରେ ପୈଠ କରାଯାଉଥିବା ବାହ୍ୟ ଓ ଆନ୍ତଃ ପରିଦାୟଗୁଡିକୁ ଉଦାହରଣ ସହ ବ୍ୟାଖ୍ୟା କର । (ପାଠ-୩ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ରମେଶ ନଗଦ ୨୦,୦୦୦ ଟଙ୍କାରେ ଏକ ବ୍ୟବସାୟ ଆରମ୍ଭ କଲେ । ନିମ୍ନଲିଖିତ ନେଣଦେଣରୁ ରୋକଡ଼ ବହି ପ୍ରସ୍ତୁତ କର:-

(i) ନଗଦ ମାଲ୍ କ୍ରୟ ୭,୦୦୦ ଟଙ୍କା

(ii) ଲିଖନ ସାମଗ୍ରୀ କ୍ରୟ ୧୨,୦୦ ଟଙ୍କା

(iii) ନଗଦ ମାଲ୍ ବିକ୍ରି ୫,୦୦୦ ଟଙ୍କା

(iv) ବେତନ ପ୍ରଦାନ ୧,୫୦୦ ଟଙ୍କା

(iv) ବିଜୁଳି ବ୍ୟୟ ପ୍ରଦାନ ୪,୦୦ ଟଙ୍କା (ପାଠ-୭ ଦେଖ)

(ଖ) ତୁମେ ଏକ ଫାର୍ମରେ ବିକ୍ରୟ ପରିଚାଳକ ଅଟ । ତୁମ ଦ୍ୱାରା ହୋଇଥିବା ଚାରିଟି କାଳ୍ପନିକ ନେଣଦେଣ ଦର୍ଶାଇ ଏକ ବିକ୍ରୟ ପୁସ୍ତିକା ପ୍ରସ୍ତୁତ କର । (ପାଠ-୯ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ଏକ ବ୍ୟାଙ୍କ ମେଳାଣ ପତ୍ରର ନମୁନା/ଛାଞ୍ଚ କାଳ୍ପନିକ ନେଣଦେଣ ଜରିଆରେ ପ୍ରସ୍ତୁତ କର ।

(ପାଠ-୮ ଦେଖ)

(ଖ) କାଳ୍ପନିକ ନେଣଦେଣ ଜରିଆରେ ଏକ ବ୍ୟାଙ୍କ ସ୍ତମ୍ଭ ରୋକଡ଼ ବହିର ଛାଞ୍ଚ ପ୍ରସ୍ତୁତ କର ।

(ପାଠ-୭ ଦେଖ)

# ଚିତ୍ରକଳା (୨୨୫)

# PAINTING (225)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦-୨୧)

### TUTOR MARKED ASSIGNMENT (TMA), 2020-21

**ସର୍ବାଧିକ ନମ୍ବର – ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ତୁମର ଅଧ୍ୟୟନ ବହିରୁ ପ୍ରଭାବବାଦୀ କଳାକାରଙ୍କ କଳାକୃତିକୁ ଅନୁଧ୍ୟାନ କର । ଯେ କୌଣସି ଦୁଇଟି କଳକାରଙ୍କ ଶୈଳୀ ବିଷୟରେ ଲେଖ ।

(ଖ) ମୋନେ ତାଙ୍କର ଚିତ୍ର କଳାରେ କେଉଁ ମାଧ୍ୟମର ରଙ୍ଗକୁ ପ୍ରାଧାନ୍ୟ ଦେଉଥିଲେ ?

(ପାଠ-୬ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ବିଭିନ୍ନ ବର୍ଜ୍ୟବସ୍ତୁ ଯଥା କାଠ ଖଣ୍ଡ. କାଗଜ, ରଙ୍ଗ ଏବଂ ବୋତଲ ଇତ୍ୟାଦିକୁ ବ୍ୟବହାର କରି ଦୁଇଟି ଚିତ୍ର ପ୍ରସ୍ତୁତ କର ।

(ପାଠ-୭ ଦେଖ)

(ଖ) ନୈରୂପବାଦ କଳାର ସଜ୍ଞା ନିରୁପଣ କର । (ପାଠ-୭ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ଅତିଯଥାର୍ଥବାଦ ଆନ୍ଦୋଳନର ସମୟ ବିଷୟରେ ଲେଖ । (ପାଠ-୭ ଦେଖ)

(ଖ) ତୁମର ଅଧ୍ୟୟନ ପୁସ୍ତକରେ ଦିଆଯାଇଥିବା ଅଗଷ୍ଟେ ରେନୋରଙ୍କର ଚିତ୍ରକଳା ବିଷୟରେ ଲେଖ ।

(ପାଠ-୬ ଦେଖ)

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) କିଏ ଘନବାଦ ର ଜନକ ଅଟନ୍ତି ଏବଂ କାହିଁକି ? (ପାଠ-୬ ଦେଖ)

(ଖ) ଘନବାଦ ହେଉଛି ଏକ ଶୈଳୀର ଚିତ୍ରକଳା ଏବଂ ଭାସ୍କର୍ଯ୍ୟ ତାହା ବର୍ଣ୍ଣନା କର । (ପାଠ-୭ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) 'ବେହେଲା ବାଦକ' ପିକାଶୋଙ୍କଦ୍ୱାରା ପ୍ରସ୍ତୁତ ଏକ ସୁନ୍ଦର ବିଶ୍ଳେଷଣାତ୍ମକ ଘନବାଦର ଉଦାହରଣ କାହିଁକି ଅଟେ ? (ପାଠ-୭ ଦେଖ)

(ଖ) ଅମ୍ରିତା ଶେରଗିଲ୍‌ଙ୍କର 'ବ୍ରହ୍ମଚାରୀ' ଚିତ୍ରକଳା ବିଷୟରେ ବର୍ଣ୍ଣନା କର ।

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ତୁମ ପାଖରେ ଥିବା ଏକ ଗ୍ରନ୍ଥାଳୟକୁ ଯାଇ ଗୋଟିଏ ଆଧୁନିକ କଳା ବହିକୁ ଖୋଜ । ତୁମେ ନୈରୂପବାଦକଳାର ଉଦାହରଣ ସ୍ୱରୂପ ପ୍ରସିଦ୍ଧ ଚିତ୍ରକର ଯଥା - ରାଜା ରବି ବର୍ମା, ଅମ୍ରିତା ଶେରଗିଲ୍, ରବିନ୍ଦ୍ର ନାଥ ଠାକୁର, ଏବଂ ନନ୍ଦଲାଲ ବୋଷଙ୍କ ଚିତ୍ରକଳା ପାଇବ । ଏକ ପୂର୍ଣ୍ଣ ଆକାର ଡ୍ରଇଁ କାଗଜ ନେଇ ତା ଉପରେ ଭାରସାମ୍ୟ, ତାଳ ଏବଂ ପୃଷ୍ଠ ଇତ୍ୟାଦିକୁ ଧ୍ୟାନରେ ରଖି ରେଖା ପ୍ରୟୋଗ କର ଏବଂ ସମସ୍ତ ଚିତ୍ରକୁ ଲଗାଅ । ଏହାକୁ ବିଶ୍ଳେଷଣ କରି ୫୦ ଟି ଶବ୍ଦରେ ତୁମର ମତାମତ ଦିଅ । (ପାଠ-୮ ଦେଖ)

(ଖ) ତୁମ ଘରେ ପାଳନ କରାଯାଉଥିବା ଯେକୌଣସି ଦୁଇଟି ପର୍ବକୁ ଜାଣ । ତୁମେ ଯେଉଁଭଳି ସାଜସଜ୍ଜା କରିବାକୁ ଯୋଜନା କରୁଛ ତାହାର ଏକ ନକ୍ସା ପସ୍ତୁତ କର । ତାହା ଅଧା ସାଇଜ୍ ର ଡ୍ରଇଁ କାଗଜରେ ରଙ୍ଗ ଦ୍ୱାରା ହେବା ଉଚିତ୍ । ସେହି ସୁନ୍ଦର ନକ୍ସାରେ ଅନ୍ୟୁନ ଏକ ମନୁଷ୍ୟ ଏବଂ ଏକ ପଶୁର ଚିତ୍ର ବ୍ୟବହାର କର ।

# ତଥ୍ୟ ନିବେଶ ପ୍ରକ୍ରିୟା (୨୨୯)

## DATA ENTRY OPERATOR (229)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର (୨୦୨୦–୨୧)

### TUTOR MARKED ASSIGNMENT (TMA), 2020-21

**ସର୍ବାଧିକ ନମ୍ବର – ୨୦**

Max. Marks : 20

ଟିପ୍ପଣୀ : i. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ମୂଲ୍ୟାଙ୍କ ପ୍ରଶ୍ନ ପାର୍ଶ୍ୱରେ ଉଲ୍ଲେଖ କରାଯାଇଛି ।

ii. ଉତ୍ତର ଖାତାର ପ୍ରଥମ ପୃଷ୍ଠାର ଉପର ଭାଗରେ, ତୁମର ନାମ, ପଞ୍ଜିକରଣ ସଂଖ୍ୟା (ଏନରୋଲମେଣ୍ଟ ନମ୍ବର), ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟର ନାମ ସ୍ପଷ୍ଟ ଭାବରେ ଲେଖ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ସିଷ୍ଟମ ସଫ୍ଟୱେୟାର ଏବଂ ପ୍ରୟୋଗାତ୍ମକ ସଫ୍ଟୱେୟାର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ । (ପାଠ-୧ ଦେଖ)

(ଖ) ରାଜ୍ ଏକ କମ୍ପ୍ୟୁଟର ଆସେମ୍ବ୍ଲି କରିବାକୁ ଚାହୁଁଛି । କମ୍ପ୍ୟୁଟର ଆସେମ୍ବ୍ଲି କରିବା ପାଇଁ ଆବଶ୍ୟକ ହେଉଥିବା ହାର୍ଡୱେୟାର ଯନ୍ତ୍ରାଂଶ କିଣିବାକୁ ଚାହୁଁଛି । ଆବଶ୍ୟକ ହେଉଥିବା ଚାରୋଟି ଉପାଦାନ ସମ୍ବନ୍ଧରେ ତାକୁ ପରାମର୍ଶ ଦିଅ । ନିମ୍ନଲିଖିତ ଦ୍ରୁତତମ ସଫ୍ଟୱେୟାର ମଧ୍ୟରୁ କେଉଁ କେଉଁ ସଫ୍ଟୱେୟାରକୁ ସେ ନିଜ କମ୍ପ୍ୟୁଟରରେ ସ୍ଥାପନ କରିବ ବୁଝାଅ ।

- ଡ୍ରାଇଭର ସଫ୍ଟୱେୟାର
- ଅପରେଟିଂ ସିଷ୍ଟମ ସଫ୍ଟୱେୟାର
- ୱାର୍ଡ ପ୍ରୋସେସର୍
- ଆଣ୍ଟି- ଭାଇରସ୍ ସଫ୍ଟୱେୟାର

(ପାଠ-୨ ଦେଖ)

୨. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) ନିମ୍ନଲିଖିତ ପାଇଁ ସର୍ଟକଟ କି ମାନ ଲେଖ ।

ସନ୍ଧାନ (Find), ଫର୍ମାଟ୍ ପେଣ୍ଟର୍ (Format Painter), ସବସ୍କ୍ରିପ୍ଟ (Subscript), କେସ୍ ପରିବର୍ତ୍ତନ କରନ୍ତୁ (Change case)

(ପାଠ-୩ ଦେଖ)

(ଖ) ଶ୍ରୁତି ନିଜ କମ୍ପ୍ୟୁଟରରେ ନଥି, ଫୋଲଡର ଏବଂ ଷ୍ଟୋରେଜ୍ ଡିଭାଇସ୍ ଗୁଡିକୁ ପ୍ରଦାନୁ କ୍ରମେ ରଖିବାକୁ ଚାହୁଁଛି । ଫାଇଲ ଓ ଫୋଲଡର ଗୁଡିକର ଉପଯୁକ୍ତ ପ୍ରଦର୍ଶନ ପାଇଁ ଶ୍ରୁତିକୁ ପରାମର୍ଶ ଦିଅ । (ପାଠ-୨ ଦେଖ)

୩. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୪୦ ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨)

(କ) MS Excel ର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ଲେଖ । (ପାଠ-୬ ଦେଖ)

(ଖ) ନିମ୍ନରେ ତିନୋଟି ପାଠ୍ୟ ଦିଆଯାଇଛି - ପାଠ୍ୟରେ ବ୍ୟବହୃତ ହେଉଥିବା ବନ୍ଧକରଣ (alignment) ଲେଖ । (ପାଠ-୪ ଦେଖ)

| | | |
|---|---|---|
| A table will help you to align text with ease. | A table will help you to align text with ease. | A table will help you To align text with ease. |

୪. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ସ୍ୱାତୀ; "Reach Recruitment Company" ର ଜଣେ HR ମ୍ୟାନେଜର, ସେ MS Excel ର ସ୍ପ୍ରେଡସିଟରେ ଚାକିରୀ ଆଶାୟୀ ପ୍ରାର୍ଥୀମାନଙ୍କ ଜୀବନୀ ତଥ୍ୟ ଷ୍ଟୋର କରି ରଖିଛି । Junior Engineer ର ପାଇଁ ୧୫ ଜଣ ଆବେଦନ କାରି ଅଛନ୍ତି । ଚାରି ସ୍ତରର ସାକ୍ଷାତକାର କରାଗଲା । କମ୍ପାନୀର ମ୍ୟାନେଜର ଚାହୁଁଛନ୍ତି ନିଜର ମନ୍ତବ୍ୟ ଗୁଡିକୁ ଗୁପ୍ତ ରଖିବା ପାଇଁ ଏବଂ ସେଗୁଡିକ ସ୍ପ୍ରେଡସିଟରେ ଲିଖିତ ହୋଇ ରହିବ । ସ୍ୱାତୀ ପ୍ରସ୍ତୁତ କରିଥିବା ୱାର୍କବୁକଟି କିପରି ସୁରକ୍ଷିତ ହୋଇ ରହିବ, ସେଥିପାଇଁ ଥିବା ବିଭିନ୍ନ ପନ୍ଥା ଗୁଡିକ ଲେଖ ।

(ପାଠ-୭ ଦେଖ)

(ଖ) ଚାର୍ଟ କ'ଣ । ବିଭିନ୍ନ ପ୍ରକାର ଚାର୍ଟ ର ନାମ ଲେଖି, ସେଥିମଧ୍ୟରୁ ୩ଟି ବିଷୟରେ ସବିଶେଷ ବିବରଣୀ ଲେଖ । (ପାଠ-୮ ଦେଖ)

୫. ନିମ୍ନଲିଖିତ ପ୍ରଶ୍ନଗୁଡିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪)

(କ) ସ୍ମାର୍ଟ ଆର୍ଟ ଗ୍ରାଫିକ୍ସ କ'ଣ, ଏହାକୁ ତିଆରି କରିବାର ବିଭିନ୍ନ ସୋପାନ ଗୁଡିକ ଲେଖ । (ପାଠ-୯ ଦେଖ)

(ଖ) “AAA ଶିକ୍ଷା ଅନୁଷ୍ଠାନ” ଯୋଜନା କରିଛି “ପୃଥିବୀ ଦିବସ” ରେ ଏକ ପ୍ରତିଯୋଗିତା ଆୟୋଜନ କରିବ । ବିଷୟ ବସ୍ତୁ ବିଶ୍ୱ ତାପାୟନ । ସେଥିପାଇଁ ୱାର୍ଡ ପ୍ରୋସେସର ଏକ ଅନୁଛେଦ ପ୍ରସ୍ତୁତ କର । ଏହାକୁ ସୁନ୍ଦର କରିବା ପାଇଁ କ୍ଲିପ୍ ଆର୍ଟ ଏବଂ ୱାର୍ଡ ଆର୍ଟ ର ବ୍ୟବହାର କରିଛନ୍ତି ।

- ଡେସ୍କଟପରେ ନିଜ କାମକୁ "Global.doc" ରେ ସେଭ୍ କରନ୍ତୁ
- ବନାନ ଓ ବ୍ୟାକରଣ ଚେକର କୁ ରନ୍ କରନ୍ତୁ
- ବୁଲେଟ ର ବ୍ୟବହାର କର
- ଧାଡି ଫାଙ୍କକୁ ୧.୫ ରେ ରଖ
- ଡକ୍ୟୁମେଣ୍ଟରେ ହେଡର ବ୍ୟବହାର କରି ନିଜର ନାମ ଏବଂ କୋର୍ସ କୋଡ ଲେଖ ।
- ଉପର ମାର୍ଜିନକୁ ୩ ସେ.ମି. ରେ ସେଭ୍ କର ଏବଂ ଗୋଟିଏ ପ୍ରିଣ୍ଟ୍ କର ।

(ପାଠ-୪ ଦେଖ)

୬. ନିମ୍ନରେ ଦିଆ ଯାଇଥିବା ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରସ୍ତୁତ କର । (୬)

(କ) ଜୁଲାଇ ୨୦ ଦ୍ୱିତୀୟ ସପ୍ତାହରେ XYZ ବିଦ୍ୟାଳୟ ନିଜର ବାର୍ଷିକ ଉତ୍ସବ ଅନୁଷ୍ଠିତ କରିବ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଚାହୁଁଛନ୍ତି ସମସ୍ତ ଅଭିଭାବକ ମାନଙ୍କୁ ନିମନ୍ତ୍ରଣ ପତ୍ର ପଠାଇବା ପାଇଁ । ସେ ଚାହୁଁଛନ୍ତି ଉକ୍ତ ପତ୍ରରେ ବିଦ୍ୟାଳୟର ଲୋଗୋ (logo) ରହିବ ଏବଂ ୱାଟର ମାର୍କରେ ବିଦ୍ୟାଳୟର ଘରଟି ରହିବ ।

(ପାଠ-୪, ୫ ଦେଖ)

- ୱାର୍ଡ ପ୍ରୋସେସର ରେ ଇମେଜ୍ କୁ ଯୋଡିବା ପାଇଁ ମାର୍ଗ ଦର୍ଶାଅ ।
- ମେଲ ମର୍ଜର ବୈଶିଷ୍ଟ୍ୟ ଏବଂ ସୋପାନଗୁଡିକ ଲେଖ । ମେଲ ମର୍ଜର ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାର ଡକ୍ୟୁମେଣ୍ଟ ବିଷୟରେ ଲେଖ ।
- ଠିକଣା ସୂଚୀ କୁ ମର୍ଜ କରି ୪ଟି ଲଫାପା ସୃଷ୍ଟି କର ।

(ଖ) ସ୍ୱାସ୍ଥ୍ୟର ଗୁରୁତ୍ୱ କୁ ନେଇ ଏକ ପାୱାର ପଏଣ୍ଟ ଉପସ୍ଥାପନା ପ୍ରସ୍ତୁତ କର । ଏଥିରେ ନିମ୍ନଲିଖିତ ସ୍ଲାଇଡ ଗୁଡିକ ରହିବ ।

(ପାଠ-୯ ଦେଖ)

i. ସ୍ୱାସ୍ଥ୍ୟ କ'ଣ ?
ii. ମାନସିକ ସ୍ୱାସ୍ଥ୍ୟ ଏବଂ ଶାରୀରିକ ସ୍ୱାସ୍ଥ୍ୟ
iii. ସ୍ୱାସ୍ଥ୍ୟ ବୃଦ୍ଧି କାରକ ଖାଦ୍ୟ
iv. ସୁନ୍ଦର ସ୍ୱାସ୍ଥ୍ୟ କରିବା ପାଇଁ ଶାରୀରିକ କାର୍ଯ୍ୟର ଭୂମିକା କ'ଣ ଲେଖ ।